# ODM PUBLIC SCHOOL

DATE :
SESSION :12
CLASS : v
SUBJECT : (ଓଡିଆ)
CHAPTER NUMBER:
CHAPTER NAME : ଶୁଖିଲା ପତ୍ରର କଥା
SUBTOPIC: ବହି ପ୍ରଶ୍ନ ଉତ୍ତର

CHANGING YOUR TOMORROW

# LEARNING OBJECTIVE

ସରଳାର୍ଥ ଲିଖନ ଶୈଳୀ ବିଷୟରେ ଜାଣିବା ।

Edit with WPS Office

ODM EDUCATIONAL GROUP
Changing your Tomorrow

## ପ୍ରଶ୍ନ୩- ସରଳ ଭାଷାରେ ବୁଝାଇ ଲେଖିବା । (କ)

"କିନ୍ତୁ ମନେରଖ,ଏମିତି ପତ୍ର ଆଣିବ ଯାହାକି ଅନ୍ୟ କାହାର ଦରକାରରେ ଆସୁ ନ ଥିବ ।"

ଉକ୍ତ ଗଦ୍ୟାଂଶଟି ଆମ ପଠିତ ନନ୍ଦକିଶୋର ସିଂହଙ୍କ ଲିଖିତ 'ଶୁଖିଲା ପତ୍ରର କଥା' ବିଷୟରୁଆସିଅଛି।ଏଠାରେ ଗୁରୁ ମାଗିଥିବା ଦକ୍ଷିଣା ବିଷୟରେ ଲେଖକ ବର୍ଣ୍ଣନା କରିଛନ୍ତି । ଏକଦା ଶିଶିର ଓ ତୁଷାର ଗୁରୁକୁଳ ଆଶ୍ରମରେ ଶିକ୍ଷା ଲାଭ କରୁଥିଲେ। ଶିକ୍ଷା ସମାପ୍ତ ପରେଦୁଇ ଶିଷ୍ୟ ଗୃହକୁ ପ୍ରତ୍ୟାବର୍ତ୍ତନ ପୂର୍ବରୁ ଗୁରୁଙ୍କୁ ସାକ୍ଷାତ କଲେ । କିଛି ଗୁରୁଙ୍କୁ ଦକ୍ଷିଣା ଦେବାପାଇଁ ନିଜର ଅଭିଳାଷ ଜଣାଇଲେ। ଦକ୍ଷିଣା ନେବା ପାଇଁ ଗୁରୁ ଅନିଚ୍ଛା ପ୍ରକାଶ କରିବାରୁ ଶିଶିର ଓ ତୁଷାର କିଛି ଦକ୍ଷିଣା ଦେବା ପାଇଁ ଗୁରୁଙ୍କୁ ଅନୁରୋଧ କଲେ । ଶିଷ୍ୟଙ୍କ ଆଗ୍ରହ ଦେଖି ଗୁରୁ ତାଙ୍କୁ କେତୋଟି ଶୁଖିଲାପତ୍ର ଦକ୍ଷିଣା ସ୍ୱରୂପ ମାଗିଥିଲେ। ଆଉ ଗୁରୁ ତାଙ୍କୁ ମଧ କହିଥିଲେ, ମନେରଖ ଏମିତି ପତ୍ର ଆଣିବ ଯାହାକି ଅନ୍ୟ କାହାର ଦରକାରରେ ଆସୁ ନ ଥିବ ।ଗୁରୁ ଶିଷ୍ୟ ଦୁହିଁଙ୍କୁ ଉଚିତ ମାର୍ଗଦର୍ଶନ ନିମିତ୍ତ ଏହି ସାମାନ୍ୟ ଦକ୍ଷିଣା ମାଗିଥିଲେ ।

ଯଥାର୍ଥରେ ଲେଖକଙ୍କ ବର୍ଣ୍ଣନାଟି ସୁନ୍ଦର ହୋଇଛି ।

Edit with WPS Office

ODM EDUCATIONAL GROUP
Changing your Tomorrow

# ପ୍ରଶ୍ନ୩-(ଖ)ସୃଷ୍ଟିର ମଙ୍ଗଳ ପାଇଁ ତୁମେ କାର୍ଯ୍ୟ କରିଗଲେ ସେହି ହେବ ମୋର ପ୍ରକୃତ ଗୁରୁଦକ୍ଷିଣା ।

ଉକ୍ତ ଗଦ୍ୟାଂଶଟି ଆମ ପଠିତ ନନ୍ଦକିଶୋର ସିଂହଙ୍କ ଲିଖିତ 'ଶୁଖିଲାପତ୍ରର କଥା' ବିଷୟରୁ ଆସିଅଛି । ଏଠାରେ ଲେଖକ ପ୍ରକୃତ ବା ଶ୍ରେଷ୍ଠ ଗୁରୁଦକ୍ଷିଣା ବିଷୟରେ ବର୍ଣ୍ଣନା କରିଛନ୍ତି ଗୁରୁଙ୍କ ଆଜ୍ଞା ପାଇ ଶିଶିର ଓ ତୁଷାର ଶୁଖିଲାପତ୍ରର ସନ୍ଧାନରେ ବାହାରିପଡିଲେ । ଯେଉଁଠି ଶୁଖିଲାପତ୍ର ଦେଖିଲେ,ସେଠାରେ ପହଞ୍ଚିଲେ ।ବୁଢୀଟିର,ଲୋକଟିର,ବୃଦ୍ଧର,ଝିଅଟିର ଶୁଖିଲାପତ୍ର ଦରକାରରେ ଆସୁଛି ଜାଣି ନିରାଶ ହୋଇ ଫେରିଲେ । ଶେଷରେ ଚଢେଇ ଓ ପିମ୍ପୁଡିର ଶୁଖିଲାପତ୍ର ଦରକାରରେ ଆସୁଛି ବୋଲି ସେଠାରୁ ମଧ୍ୟ ଫେରିଲେ ।ଉପାୟଶୂନ୍ୟ ହୋଇ ଦୁହେଁ ଗୁରୁଙ୍କୁ ଆସି ଜଣାଇଲେ । ତାଙ୍କର ସତ୍ୟନିଷ୍ଠା ଓ ଗୁରୁଭକ୍ତି ଦେଖି ଗୁରୁ ଖୁସି ହୋଇ କହିଲେ, ଭଗବାନଙ୍କ ସୃଷ୍ଟିରେସାମାନ୍ୟ ଶୁଖିଲାପତ୍ର ମଧ୍ୟ ଦରକାରରେ ଆସୁଛି।ତୁମେ ମଣିଷ ଜନ୍ମ ପାଇଛ। ସୃଷ୍ଟିର ମଙ୍ଗଳ ପାଇଁ ତୁମେ କାର୍ଯ୍ୟ କରିଗଲେ,ସେହି ହେବ ମୋର ପ୍ରକୃତ ଗୁରୁଦକ୍ଷିଣା । ଏଠାରେ ଲେଖକଙ୍କ ବର୍ଣ୍ଣନାଟି ସୁନ୍ଦର ହୋଇଛି ।

Edit with WPS Office

# ଗୃହକର୍ମ

ସରଳାର୍ଥ ଖାତାରେ ଲେଖ ଓ ମନେ ରଖ ।

Edit with WPS Office

# LEARNING OUTCOME:

ସରଳାର୍ଥ ଲିଖନ ବିଧି ବିଷୟରେ ଜାଣିବା ।

Edit with WPS Office

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

Edit with WPS Office